# ପ୍ରଚାର ଡ଼ାଏରୀ  ତା.୧୪.୦୪.୨୦୧୪

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଦିନକୁ ଦନି କଂଗ୍ରେସ ଦଳ ହତାଶାର ଅନ୍ଧକାର ମଧ୍ୟକୁ ଗତି କରୁଅଛି । ଦୁଇଟି ରାଷ୍ଟ୍ରୀୟ ଖବର କାଗଜରେ ପ୍ରକାଶ ପାଇଅଛି କି, ମୋଦିଙ୍କୁ ହରାଇବା ପାଇଁ ପ୍ରିୟଙ୍କା ଗାନ୍ଧି ବାରଣାସୀ ଆସନରୁ ଲଢ଼ିବା ପାଇଁ ରାଜି ହୋଇଛନ୍ତି ଓ ଅନ୍ୟଟି ହେଲା ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କୁ କୁହାଯାଇଛି, ସେମାନେ ଯଦି ନିଜ ନିଜ ଆସନରୁ ଜୟ ଲାଭ ନକରନ୍ତି ତେବେ ସେମାନଙ୍କୁ ବଦଳାଇ ଦିଆଯିବ । ଯଦି ଦୁଇଟି ତଥ୍ୟ ସତ୍ୟ ହୁଏ ତେବେ ଗାନ୍ଧି ପରିବାର ଆଜି କିପରି ସଙ୍କଟାପର୍ଣ୍ଣ ଅବସ୍ଥାରେ ଉପନୀତ ତାହା ସ୍ପଷ୍ଟ ଜାଣି ହୁଏ । ଏହା ୧୯୭୭ ମସିହାରେ ହୋଇଥିବା ସାଧାରଣ ନିର୍ବାଚନରେ ଇନ୍ଦିରା ଗାନ୍ଧି ଓ ସଞ୍ଜୟ ଗାନ୍ଧି କିପରି ନିର୍ବାଚନ ଦୌଡ଼ରେ ଥିଲେ ସେହି ଘଟଣାକୁ ମନେ ପକାଇ ଦିଏ । ଆଜି ପରିବାରବାଦ ଅନ୍ତ ହୋଇଯାଇଛି । ଯଦି ପରିବାର ଚିନ୍ତା କରେ କି ତାହାର କୌଣସି ଗୋଟିଏ ନେତା ତିଷ୍ଠୁନାହିଁ ତେବେ ସେ ଦଳର ଅନ୍ୟ କୌଣସି ସଦସ୍ୟଙ୍କୁ ନବାଛି ନିଜ ପରିବାରର ଅନ୍ୟ ଏକ ସଦସ୍ୟଙ୍କୁ ବାଛିବାକୁ ଉଚିତ ମନେକରୁଛି । ଦେଶ ଆଜି ସେହି ପରିବାରର ଅନ୍ୟ ଏକ ସଦସ୍ୟଙ୍କ ଅଚାନକ ପ୍ରତିକ୍ରିୟା କରିବାର କିମ୍ବଦନ୍ତୀକୁ ଦୋହରାଇବା ଆବଶ୍ୟକ କରେ । ଆଜି କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ପାଖରେ ସମସ୍ୟା ନାହିଁ ବରଂ ସମସ୍ୟା ଅଛି ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ । ସେ କିପରି ଧରଣର ସରକାର ଗଠନ କରିବେ ତାହା ନେଇ  ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଅଛି । ତେଣୁ ସମସ୍ୟା ତାଙ୍କ ନିଜ ପରିବାର ଭିତରେ ଥିବାବେଳେ ଦଳ କାହିଁକି ବାହାରର କାହାକୁ ଦୋଷାରୋପ କରେ ?

ଅମୃତସରରେ ମୋର ବିପକ୍ଷରେ ପ୍ରତିଦ୍ୱନ୍ଦିତା କରୁଥିବା କ୍ୟାପ୍ଟେନ ସାହେବ ଖୁବ ନିମ୍ନକୁ ଖସି ଲଢ଼େଇ କରିବାର ଏକ ବିଶେଷ ଦକ୍ଷତା ହାସଲ କରିଛନ୍ତି । ମୁଁ ମୋର ବନ୍ଧୁ, ସହକର୍ମୀ, ଶୁଭାକାଂକ୍ଷୀ ଓ ବି.ଜେ.ପିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଉଅଛି, ଆମେ ନିର୍ବାଚନକୁ ସଭ୍ୟତାର ସହ, ନ୍ୟାୟିକ କାର୍ଯ୍ୟପନ୍ଥାର ପରିସର ମଧ୍ୟରେ ଓ ପୂର୍ଣ୍ଣ ମର୍ଯ୍ୟଦାର ସହିତ ନରେନ୍ଦ୍ର ମୋଦିଙ୍କୁ ଆଗାମୀ ପ୍ରଧାନମନ୍ତ୍ରୀ ପଦରେ ଅଭିଷିକ୍ତ କରାଇବାର ଲକ୍ଷ୍ୟରେ ଲଢ଼ିବା ଏବଂ ମୁଁ ସବୁଠାରୁ ଅନୁକୂଳ ବାତାବରଣ ମଧ୍ୟ ପାଉଅଛି । ତେଣୁ ଆମକୁ ଲକ୍ଷ୍ୟ ପଥରୁ ବିଚ୍ୟୁତ ନହୋଇ ଅଗ୍ରସର ହେବାକୁ ହେବ ।

ମୋର ଅଜାଙ୍କ ଘର ଅମୃତସର ବୋଲି କହୁଥିବା ସତ୍ତ୍ୱେ କ୍ୟାପ୍ଟେନ ସାହେବ ମୋତେ ବାରମ୍ବାର କରି ବାହାରର ଲୋକ କହି ସମ୍ବୋଧନ କରୁଛନ୍ତି । ମୁଁ ସେଠାରେ ନିଜର ଘର କରିବାର ଯେଉଁ ପ୍ରତିଶ୍ରୁତି ଦେଇଥିଲି ତାହା ପୂରଣ କରିଅଛି । ତେବେ ମୁଁ କ୍ୟାପ୍ଟେନ ସାହେବଙ୍କୁ ପ୍ରଶ୍ନ କରେ ଅମୃତସରର ଜନତା ତାଙ୍କୁ ସାକ୍ଷାତ କରିବାକୁ ହେଲେ କଅଣ ତାଙ୍କ ପଟିଆଲାରେ ସ୍ଥିତ ଘରକୁ ଯିବେ ?